## ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ବେଗୁନିଆପଡ଼ା,(ଡି.ଏନ୍.ଏ.): କୋଦଳାର ଯୁବ ବ୍ୟବସାୟୀ କୈଳାଶ ଚନ୍ଦ୍ର ପୃଷ୍ଟି (୩୫)ଙ୍କ ଶନିବାର ମୃତ୍ୟୁ ଘଟିଛି। ଗତ ଏକ ସପ୍ତାହ ହେବ ବେଗୁନିଆପଡା ମେଡିକାଲରେ ତାଙ୍କର କୋଭିଡ୍ ପରୀକ୍ଷା ହୋଇଥିଲା। ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୈଳାଶଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଭୁବନେଶ୍ୱର ଯାଇ କୈଳାଶଙ୍କ ଶେଷ ଦର୍ଶନ ସହିତ ମୃତଦେହ ଦାହ କରି ଫେରିଥିଲେ।


ଶଟ୍‌ଡାଉନ୍ ଫଳରେ ଜନଶୂନ୍ୟ ଗୋଷାଣୀନୂଆଗାଁ।


ନୂଆ ବସ୍‌ଷ୍ଟାଣ୍ଡରେ ଥିବା ବସ୍।



ବନ୍ଦ ରହିଥିବା ଦୋକାନ ବଜାର।

# ସାରା ସହର ଜନଶୂନ୍ୟ

**ସପ୍ତାହାନ୍ତ ଶଟ୍‌ଡାଉନ୍**
- ପୋଲିସର ପାଟ୍ରୋଲିଂ, ଯାଞ୍ଚ କଡ଼ାକଡ଼ି

ବ୍ରହ୍ମପୁର ଅଫିସ୍,୨୪।୪

କରୋନା ମହାମାରୀ ଦ୍ୱିତୀୟ ଲହର ସଂକ୍ରମଣ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବା ପାଇଁ ରାଜ୍ୟର ସମସ୍ତ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ପରେ ଶନିବାର ଓ ରବିବାର ୨ ଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ମର୍ମରେ ଗଞ୍ଜାମ ପ୍ରଶାସନ ପକ୍ଷରୁ ଜିଲା ସମେତ ବ୍ରହ୍ମପୁର ସହରରେ ୨ ଦିନିଆ ଶଟ୍‌ଡାଉନ୍‌ରେ ବିଶେଷ ପ୍ରଭାବ ପଡ଼ିଛି। ଫଳରେ ଶନିବାର ସାରା ସହର ଜନଶୂନ୍ୟ ହୋଇଥିବା ଦେଖିବାକୁ ମିଳିଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ, ପେଟ୍ରୋଲ ପମ୍ପ, ଔଷଧ ଦୋକାନ ଓ କ୍ଲିନିକ୍‌କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସହରର ଅର୍ବାନ୍ ବ୍ୟାଙ୍କ ରୋଡ଼, ବଡବଜାର, ସାନବଜାର, ଗେଟ୍ ବଜାର ଆଦି ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା। କେତେକ ସାହିଗୁଡିକରେ ଥିବା ତେଜରାତି ଦୋକାନ ଖୋଲା ଥିବା ଦେଖିବାକୁ ମିଳିଥିଲା। ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ମୁଖ୍ୟ ଛକରେ ବାଇକ୍ ଆରୋହୀଙ୍କୁ ଯାଞ୍ଚ କରାଯାଇଥିଲା। ଜରୁରିକାଳୀନ କାର୍ଯ୍ୟ ନିମନ୍ତେ ବାହାରକୁ ବାହାରିବା ପାଇଁ ପରାମର୍ଶ ଦିଆଯାଇଥିଲା। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୋଲିସ୍ ପ୍ରଶାସନ ପକ୍ଷରୁ ସହରର ଫାଷ୍ଟ ଗେଟ୍, ଲୋଚାପଡ଼ା, ଖୋଡ଼ାସିଙ୍ଗି, ଆଙ୍କୁଲି ଓଭରବ୍ରିଜ୍ ଓ ଅନ୍ଧପସରା ରୋଡ଼ ଆଦି ମୁଖ୍ୟ ଛକଗୁଡ଼ିକରେ ଅସ୍ଥାୟୀ କ୍ୟାମ୍ପ କରାଯାଇ ଯିବାଆସିବା କରୁଥିବା ଯାନବାହନଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଶଟ୍‌ଡାଉନ୍ ଯୋଗୁ ସମସ୍ତ ଯାତ୍ରୀବାହୀ ବସ୍ ସେବା ବନ୍ଦ ରହିବା ଫଳରେ ଦୂରଦୂରାନ୍ତରୁ ଆସିଥିବା କେତେକ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ।


ଅଟକି ରହିଥିବା ଯାତ୍ରୀ।


ପୋଲିସ୍ ପକ୍ଷରୁ ମୁଖ୍ୟ ଛକରେ ଯାଞ୍ଚ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

ବ୍ରହ୍ମପୁର ଅଫିସ,୨୪।୪: ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଥିବା ଜଣେ ବୃଦ୍ଧଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ଆମ୍ବଗଡ଼ ଗ୍ରାମର କୃଷ୍ଣ ଚନ୍ଦ୍ର ଚୌଧୁରୀ। ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିଛି। ଘଟଣାସ୍ଥଳରୁ ଏକ ବାଇକ୍ (ଓଡି ୦୭ ଭି-୯୨୬୪) ଜବତ କରିଛି। ନଂ.୧୨୦/୨୧ ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପଟେ ଫେରାର ବାଇକ୍ ଚାଳକଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ଘଟଣାରୁ ପ୍ରକାଶ, ଶୁକ୍ରବାର ରାତି ପ୍ରାୟ ୮ଟାରେ କୃଷ୍ଣଚନ୍ଦ୍ର କୌଣସି କାମ ପାଇଁ ସାଇକେଲରେ ବ୍ରହ୍ମପୁର ବାହାରିଥିଲେ। ଆମ୍ବଗଡ ଛକ ଦେଇ ସେ ବ୍ରହ୍ମପୁରକୁ ଆସୁଥିଲେ। ଦିଗପହଣ୍ଡିରୁ ବ୍ରହ୍ମପୁର ଆସୁଥିବା ବାଇକ୍ ଚାଳକ କୃଷ୍ଣଚନ୍ଦ୍ରଙ୍କ ସାଇକେଲକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ବୃଦ୍ଧ ଜଣଙ୍କ ରାସ୍ତାରେ ପଡିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।

### ସିଟି ହସ୍ପିଟାଲ କୋଭିଡ୍ ଚିକିତ୍ସା ପାଇଁ ବ୍ୟବହୃତ ହେବ




ଛତ୍ରପୁର,୨୪।୪(ଡି.ଏନ.ଏ.): ଗଞ୍ଜାମ ଜିଲାରେ ସଂକ୍ରମଣ ନିୟନ୍ତ୍ରଣ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସତର୍କ ଏବଂ ବ୍ୟବସ୍ଥାକୁ କଡାକଡି କରାଯାଉଛି। ଦ୍ୱିତୀୟ ଲହର ମୁକାବିଲା ଲାଗି ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ କ୍ରମେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ରହ୍ମପୁର ସିଟି ହସ୍ପିଟାଲକୁ ଡେଡିକେଟେଡ୍ କୋଭିଡ୍ ଚିକିତ୍ସା କେନ୍ଦ୍ର ଭାବେ ବ୍ୟବହାର କରିବା ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମସ୍ତ ସହରାଞ୍ଚଳସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ରର ବହିଃ ଚିକିତ୍ସା(ଓପିଡି) ସେବା ପୂର୍ବ ପରି ଚାଲୁ ରହିବ। କିନ୍ତୁ ବ୍ରହ୍ମପୁର ସିଟି ହସ୍ପିଟାଲରେ କୋଭିଡ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ବହିଃ ଚିକିତ୍ସା (ଓପିଡି) ଏବଂ (ଆଇପିଡି) ସେବା ବନ୍ଦ ରହିବ। ବ୍ରହ୍ମପୁର ସିଟି ହସ୍ପିଟାଲକୁ ଡେଡିକେଟେଡ କୋଭିଡ୍ ହେଲଥ ସେଣ୍ଟର ଭାବେ ଘୋଷଣା କରାଯାଇ ମୋଟ ୧୨୫ ଶଯ୍ୟା ମଧ୍ୟରୁ ୧୦୦ସାଧାରଣ କୋଭିଡ୍ ରୋଗୀ ଏବଂ ୨୫ ଶଯ୍ୟା କୋଭିଡ୍ ଆକ୍ରାନ୍ତ ଗର୍ଭବତୀଙ୍କ ନିମନ୍ତେ ରଖାଯାଇଛି ।

### ଟଙ୍କା ଠକେଇ ମାମଲାରେ ଜଣେ କୋର୍ଟଚାଲାଣ

ଗୋପାଳପୁର,୨୪।୪: ଚାକିରି ନାଁରେ ଟଙ୍କା ଠକେଇ ଅଭିଯୋଗରେ ଗୋପାଳପୁର ପୋଲିସ ଶନିବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଜଗଦୀଶ ବେହେରା। ପୋଲସରା ଅଞ୍ଚଳର ସାଗର କୁମାର ଦାସଙ୍କଠାରୁ ୨୦୧୯ରେ ଗୋପାଳପୁର ଅଞ୍ଚଳର ଜଗଦୀଶ ଗଞ୍ଜାମ ଜିଲା ଶିକ୍ଷା ବିଭାଗରେ ଚାକିରି କରାଇ ଦେବି କହି ୫୩ ହଜାର ଟଙ୍କା ନେଇଥିଲେ। ସାଗରଙ୍କ ଚାକିରି ନ ହେବା ପରେ ଜଗଦୀଶ ଆଉ ଟଙ୍କା ଫେରସ୍ତ କରିନଥିଲେ। ଗୁରୁବାର ସାଗର ଜଗଦୀଶଙ୍କ ଘରକୁ ଯାଇ ଟଙ୍କା ମାଗିବାରୁ ତାଙ୍କୁ ଗାଳି ଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଏ ନେଇ ସାଗର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୪/୨୧ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଜଗଦୀଶ ଶୁକ୍ରବାର ବୁଲୁଥିବା ବେଳେ ପୋଲିସ ଗିରଫ କରିଥିଲା।

# ପ୍ରତିବାଦରେ ବ୍ୟବସାୟୀ ସଂଘର ରାସ୍ତାରୋକୋ

**ଶଟ୍‌ଡାଉନ କଟକଣାକୁ ଅବମାନନା ଅଭିଯୋଗ**

ଦିଗପହଣ୍ଡି,୨୪।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗାଁରେ ଶନିବାର ଶଟଡାଉନ୍ କଟକଣାକୁ ସ୍ଥାନୀୟ ବ୍ୟବସାୟୀମାନେ ଅବମାନନା କରିବା ସହ କୋଭିଡ୍ - ନିୟମ ମାନୁନଥିବା ନେଇ କେତେକ ବ୍ୟକ୍ତି ପୋଲିସରେ ଅଭିଯୋଗ କରିଥିଲେ। ଦୋକାନ ବଜାର ଖୋଲାଥିବା ଫୋଟୋ ଥାନା ଆଇଆଇସି ବସନ୍ତ କୁମାର ସେଠୀଙ୍କ ମୋବାଇଲକୁ ପଠାଇଥିଲେ । ମଧ୍ୟାହ୍ନରେ ଆଇଆଇସିଙ୍କ ନେତୃତ୍ୱରେ ସ୍କର୍ଡ ଗାଁରେ ପହଞ୍ଚି ବିଭିନ୍ନ ଦୋକାନ ବଜାର ସମେତ ଅନେକ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢାଉ କରି ସମସ୍ତ ଦୋକାନ ବଜାର ଗୁଡ଼ିକୁ ବନ୍ଦ କରିଥିଲେ। ସ୍ଥାନୀୟ ବ୍ୟବସାୟୀମାନେ ମେଳି ବାନ୍ଧି ପୋଲିସ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରିଥିଲେ। ପୋଲିସ ଟିମ୍ ଫେରିବା ପରେ ବ୍ୟବସାୟୀମାନେ ଏହାକୁ ବିରୋଧ କରିବାସହ ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାରେ ପଥର ପକାଇ ଅବରୋଧ କରିଥିଲେ। ସେହି ରାସ୍ତା ଦେଇ ଦିଗପହଣ୍ଡି ଅଭିମୁଖେ ଯାଉଥିବା ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ଗାଡିକୁ ମଧ୍ୟ ବ୍ୟବସାୟୀମାନେ ଛାଡ଼ି ନ ଥିଲେ। ଆଇଆଇସି ଏବଂ ପୋଲିସ ଟିମ୍ ଆସି ସାଧାରଣରେ କ୍ଷମା ମାଗିବାକୁ ବ୍ୟବସାୟୀମାନେ ଜିଦ୍ ଧରିଥିଲେ। ପରେ ଦିଗପହଣ୍ଡି ତହସିଲଦାର ଅଦୈତ କୁମାର ସ୍ୱାଇଁ, ବିଡ଼ିଓ ହଳଧର ଶବର, ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି, ବ୍ଲକ କଂଗ୍ରେସ ସଭାପତି ଅଭିମନ୍ୟୁ ଜାନୀ ଘଟଣାସ୍ଥଳରେ ପହଞ୍ଚି ଚିକିଟି ଏସ୍‌ଡିପିଓଙ୍କ ଉପସ୍ଥିତିରେ ବ୍ୟବସାୟୀ ନୃସିଂହ ନାଥ ପୃଷ୍ଟି,ଏଲ. କୃଷ୍ଣ, ଏସ୍. ସରୋଜ ପାତ୍ର, ଏସ୍. ଚନ୍ଦ୍ର ଶେଖର ପାତ୍ର,ବି. ମିଟୁ ରେଡ୍ଡୀ, ୟୁ. ତ୍ରିନାଥ, ଇ. ଆଶିଷ କୁମାର, ଏସ୍. ଧର୍ମା ପ୍ରଭୃତି ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ମାଲିକମାନଙ୍କୁ ବୁଝାଶୁଝା କରିବା ପରେ ଦିନ ପ୍ରାୟ ସାଢ଼େ ୧ ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


ତହସିଲଦାର ଏବଂ ଏସ୍‌ଡିପିଓ ଉତ୍ତେଜିତ ବ୍ୟବସାୟୀଙ୍କ ସହ ଆଲୋଚନା କରୁଛନ୍ତି।

# ପ୍ରବାସୀଙ୍କ ଲାଗି ନାକା ଗେଟ୍‌ରେ ଯାଞ୍ଚ କଡ଼ାକଡ଼ି

ପାରଳାଖେମୁଣ୍ଡି,୨୪।୪(ଡି.ଏନ୍.ଏ.)

ଗଜପତି ଜିଲାରେ କରୋନା ସଂକ୍ରମଣ ଚିନ୍ତାଜନକ ପରିସ୍ଥିତିରେ ପହଞ୍ଚିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ଉପରେ କଟକଣା ଲଗାଯାଇଛି। ଫଳରେ ଅନ୍ୟ ରାଜ୍ୟକୁ କାମଧନ୍ଦା ଉଦ୍ଦେଶ୍ୟରେ ଯାଇଥିବା ଶତାଧିକ ପ୍ରବାସୀ ଶ୍ରମିକ ଓ ସମ୍ପର୍କୀୟ ଲୋକେ ଦୈନିକ ଆନ୍ଧ୍ର ଓ ତେଲଙ୍ଗାନା ରାଜ୍ୟରୁ ଆସି ଗଜପତି ଜିଲା ସୀମାନ୍ତରେ ଥିବା ପୁରୁଣାପାଟଣା ନାକା-ଗେଟ୍ ଦେଇ ପ୍ରବେଶ କରୁଛନ୍ତି। ଏହି ପ୍ରବାସୀ ଶ୍ରମିକ ଓ ଅନ୍ୟମାନଙ୍କ ନାମ ପଞ୍ଜୀକରଣ ସମେତ ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ଓ ସେମାନଙ୍କ ଥର୍ମାଲ-ପଲ୍‌ସ ରେଟ ଟେଷ୍ଟିଂ କରାଯାଉଛି। ଯାହାର ପଜିଟିଭ୍ ବାହାରୁଛି କୋଭିଡ୍ କେୟାର ସେଣ୍ଟର ବା ହୋମ୍ ଆଇସୋଲେଶନରେ ରଖାଯାଉଛି। ବର୍ତ୍ତମାନ କରୋନାର ସଂକଟମୟ ସ୍ଥିତିରେ ଦେଶବ୍ୟାପୀ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଓ ନାଇଟ୍ କର୍ଫ୍ୟୁ ଆଦି ଲାଗି ରହିଥିବାରୁ ବିଭିନ୍ନ ରାଜ୍ୟରେ ପ୍ରବାସୀ ଶ୍ରମିକ ରୋଜଗାର ହରାଇଥିବା ଯୋଗୁ ନିଜ ଘରକୁ ଫେରିବାରେ ଲାଗିଛନ୍ତି। ଗତ ୧୨ରୁ ଜିଲାର ୫ ପ୍ରବେଶ ପଥକୁ ପ୍ରଶାସନ ଓ ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ନାକା ଗେଟ୍‌ରେ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତା ନନ୍ଦ ଜାନୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ପରିସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ଡା. ସୁଲୋଚନା ପଣ୍ଡା ଓ ଡା. ପିଜି ପାର୍ଶ୍ୱିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଣ୍ଟାକ୍ଟ ଟ୍ରେସିଂ ଓ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ନୋଡାଲ ଅଧିକାରୀ ଏନ୍. ଈଶ୍ୱର ନାକା ପ୍ରବେଶ ପଥରେ ଲୋକଙ୍କ ପଞ୍ଜୀକରଣ କାର୍ଯ୍ୟ କରୁଛନ୍ତି। ଶିକ୍ଷକ ଲିଙ୍ଗରାଜ ସାହୁଙ୍କ ସମେତ ପୋଲିସ ବାହିନୀ କାର୍ଯ୍ୟ ତୁଲାଉଛନ୍ତି।

# ଭୂତକୋଠି ପାଲଟିଛି ଶବ ବ୍ୟବଚ୍ଛେଦ ଗୃହ



ପାରଳାଖେମୁଣ୍ଡି,୨୪।୪(ଡି.ଏନ୍.ଏ.)

ମୋହନା ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ଗୃହ ନ ଥିଲା। ଏଥିପାଇଁ ମୋହନାବାସୀ ବ୍ରହ୍ମପୁରରେ ମୃତଦେହ ବ୍ୟବଚ୍ଛେଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବାକୁ ମୋହନାବାସୀ ରାସ୍ତାରୋକୋ କରି ସରକାରଙ୍କ ନିକଟରେ ଦାବି କରିଥିଲେ। ପରେ ବିଧାୟକ ଥିବା ସମୟରେ ସୂର୍ଯ୍ୟ ନାରାୟଣ ପାତ୍ର ରାଇସିଂଗି ନିକଟରେ ଏକ ଶବ ବ୍ୟବଚ୍ଛେଦ କୋଠା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରି ଶିଳାନ୍ୟାଶ କରିଥିଲେ। କୋଠା ନିର୍ମାଣ ପରେ ଜଣେ ଡାକ୍ତରଙ୍କୁ ମଧ୍ୟ ନିଯୁକ୍ତି କରାଯାଇଥିଲା। ହେଲେ କିଛି ଦିନ ପରେ ଉକ୍ତ ଡାକ୍ତର ଅବସର ନେବା ପରଠୁ ତାଙ୍କ ସ୍ଥାନରେ କୌଣସି ଡାକ୍ତର ନିଯୁକ୍ତି କରାଗଲା ନାହିଁ। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ସାମଗ୍ରୀ ସରକାରଙ୍କ ତରଫରୁ ମେଳିଲାନାହିଁ। ଫଳରେ ଗତ ୨୦ ବର୍ଷ ହେଲା ଉକ୍ତ କୋଠାଟି ଅସାଧୁ ବ୍ୟକ୍ତିଙ୍କ ଆଡ଼ାସ୍ଥଳ ପାଲଟିଛି। ବର୍ତ୍ତମାନ ଉକ୍ତ ଘରଟି ଭାଙ୍ଗି ନଷ୍ଟ ହେବା ସହ କବାଟ, ଝରକା ଚୋରି ହେବାରୁ ତାହା ଭୂତ କୋଠିରେ ପରିଣତ ହୋଇଛି। ବ୍ରହ୍ମପୁର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର ବେଳକୁ ଦୁଇ ଦିନ ବିତିଯାଉଛି। ବ୍ରାହ୍ମଣୀଗାଁ ଭଳି ଛୋଟ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ରହିଥିବା ବେଳେ ଏଠାରେ ନାହିଁ। ଏଥିପ୍ରତି କୌଣସି ରାଜନେତାଙ୍କ ଦୃଷ୍ଟି ପଡୁନାହିଁ ବୋଲି ୩୯ ପଞ୍ଚାୟତର ଜନସାଧାରଣ କହିଛନ୍ତି।

# ଗୋପାଳପୁରରେ ଭୁଶୁଡୁଛି କଂଗ୍ରେସ ଦୁର୍ଗ

- ଅତୀତରେ ନାମ ଥିଲା ଡୁରା ନିର୍ବାଚନ ମଣ୍ଡଳୀ
- ୧୯୬୧ରୁ ୨୦୧୯ ମଧ୍ୟରେ ନିର୍ବାଚିତ ହୋଇଥିଲେ କଂଗ୍ରେସର ୮ ବିଧାୟକ

ବ୍ରହ୍ମପୁର ଅଫିସ,୨୪।୪

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଭୁଶୁଡ଼ି ଯାଇଛି କଂଗ୍ରେସ ଦୁର୍ଗ। ଏହି ବିଧାନସଭା କ୍ଷେତ୍ର ଅତୀତରେ ଡୁରା ନାମରେ ଥିଲା। ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ ଓ ୧୯୫୭ ଦୁଇ ନିର୍ବାଚନ ବେଳେ ବର୍ତ୍ତମାନର ଗୋପାଳପୁରର ଅନେକ ଅଞ୍ଚଳ ବ୍ରହ୍ମପୁର ଓ ଛତ୍ରପୁର ଆସନରେ ଥିଲା। ୧୯୬୧ ତୃତୀୟ ସାଧାରଣ ନିର୍ବାଚନ ବେଳେ ରଙ୍ଗେଇଲୁଣ୍ଡା ବ୍ଲକର ସମସ୍ତ ପଞ୍ଚାୟତ ଏବଂ କୁକୁଡ଼ାଖଣ୍ଡି ବ୍ଲକର କେତେକ ପଞ୍ଚାୟତକୁ ନେଇ ଡୁରା ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପି.ଭି. ଜଗନ୍ନାଥ ରାଓ ଦୁଇଥର ଏବଂ ସ୍ୱର୍ଗତ ମୋହନ ନାୟକ ଏହି ଆସନରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୭୧ ନିର୍ବାଚନରେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ। ୧୯୭୪ ନିର୍ବାଚନ ବେଳେ ଡୁରା ନାମ ବଦଳି ଗୋପାଳପୁର ବିଧାନସଭା କ୍ଷେତ୍ର ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ମୋହନ ନାୟକ ନିର୍ବାଚିତ ହୋଇ ନନ୍ଦିନୀ ଶତପଥୀଙ୍କ ସରକାରରେ ମନ୍ତ୍ରୀ ପଦ ପାଇଥିଲେ।

ଜରୁରୀ କାଳିନ ପରିସ୍ଥିତି ପରେ ୧୯୭୭ରେ ହୋଇଥିବା ନିର୍ବାଚନରେ ଦେଶ ସାରା କଂଗ୍ରେସ ବିରୋଧୀ ହାୱା ପ୍ରଭାବିତ ହୋଇଥିବା ବେଳେ ଗୋପାଳପୁରରୁ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ଘନଶ୍ୟାମ ବେହେରା ନିର୍ବାଚିତ ହୋଇଥିଲେ। ସେ ଲଗାତର ଭାବେ ୧୯୮୦ ଓ ୮୫ ନିର୍ବାଚନରେ ମଧ୍ୟ ଜିତି ହାଟ୍ରିକ କରିଥିଲେ। ଏହି ଆସନ ଆରମ୍ଭରୁ ଅନୁସୂଚିତ ଜାତି (ଏସ୍‌ସି) ପାଇଁ ସଂରକ୍ଷିତ ଥିଲା। ୧୯୯୦ ନିର୍ବାଚନ ବେଳକୁ ରାଜନୈତିକ ସ୍ଥିତି ବଦଳିଗଲା। ଜନତା ଦଳ ପ୍ରାର୍ଥୀ ରାମଚନ୍ଦ୍ର ସେଠୀ ୧୯୯୦ ଓ ୯୫ ନିର୍ବାଚନରେ ବିଧାୟକ ହୋଇଥିଲେ ଏବଂ ୨୦୦୦ ନିର୍ବାଚନରେ ମଧ୍ୟ ବିଜେଡିରୁ ଜିତିଥିଲେ। ସେଠୀ ମଧ୍ୟ ୩ ଥର ଜିତି ହାଟ୍ରିକ ଆଖ୍ୟା ପାଇଥିଲେ। ୨୦୦୪ ନିର୍ବାଚନରେ ଗୋପାଳପୁରରୁ କଂଗ୍ରେସ ପ୍ରାର୍ଥୀ ଡ଼ା. ତ୍ରିନାଥ ବେହେରା ବିଧାୟକ ହୋଇଥିଲେ।

ଦୀର୍ଘ ବର୍ଷ ପରେ ଏହି ଆସନ ୨୦୦୯ ନିର୍ବାଚନ ବେଳକୁ ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ହେଲା। ବିଜେଡି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ବିଧାୟକ ଭାବେ ନିର୍ବାଚିତ ହେଲେ। ପରବର୍ତ୍ତୀ ୨୦୧୪ ଓ ୨୦୧୯ ନିର୍ବାଚନରେ ମଧ୍ୟ ପ୍ରଦୀପ ଜିତି ସେ ମଧ୍ୟ ହାଟ୍ରିକ ଅର୍ଜନ କରିଛନ୍ତି। ୧୯୬୧ ରୁ ୨୦୧୯ ପର୍ଯ୍ୟନ୍ତ ହୋଇଥିବା ୧୪ ନିର୍ବାଚନ ମଧ୍ୟରୁ ଗୋପାଳପୁର (ପୂର୍ବ ଡୁରାକୁ ମିଶାଇ) ଆସନରୁ କଂଗ୍ରେସରୁ ୮ ଏବଂ ଜନତା ଦଳରୁ ୨ ଓ ବିଜେଡିରୁ ୪ ବିଧାୟକ ହୋଇଛନ୍ତି। ତେଣୁ ଏହି ନିର୍ବାଚନ ମଣ୍ଡଳୀ କଂଗ୍ରେସର ଦୁର୍ଗ ଥିବା ପ୍ରମାଣିତ ହୋଇଛି। ଏବେ ସର୍ବ ପୁରାତନ ରାଜନୈତିକ ଦଳ କଂଗ୍ରେସର ସ୍ଥିତି ବିଗିଡ଼ି ଯାଇଛି। ୨୦୦୯ ନିର୍ବାଚନ ପର୍ଯ୍ୟନ୍ତ ଏହି ଦଳର ପ୍ରାର୍ଥୀମାନେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ୨୦୧୪ ଓ ୧୯ ନିର୍ବାଚନରେ ତୃତୀୟ ସ୍ଥାନକୁ ଖସିଛି। ଉପଯୁକ୍ତ ତଥା ଦଳ ପାଇଁ ସର୍ବଦା ସମର୍ପିତ ନେତା ଓ କର୍ମୀଙ୍କୁ ଗୁରୁତ୍ୱ ଦେଇ ପ୍ରାର୍ଥୀ ଚୟନ କରାଯାଉନଥିବାରୁ କଂଗ୍ରେସ ଦୁର୍ଦ୍ଦଶା ଆଡ଼କୁ ମୁହାଁଉଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଚର୍ଚ୍ଚା ହେଉଛି।



ଧରିତ୍ରୀ
DHARITRI
ବ୍ରହ୍ମପୁର, ରବିବାର, ୨୫ ଏପ୍ରିଲ, ୨୦୨୧

## ହିଞ୍ଜିଳିରେ ୨୫୦ ଶଯ୍ୟାର ୩ ସିସିସି

ହିଞ୍ଜିଳିକାଟୁ, (ଡି.ଏନ୍.ଏ.)- ହିଞ୍ଜିଳିକାଟୁ ପୌରାଞ୍ଚଳର ୨ ବ୍ଲକରେ ଗୋଟିଏ କୋଭିଡ୍ କେୟାର ସେଣ୍ଟର ( ସିସିସି) ନିର୍ମାଣ କରାଯିବ। ପୌରାଞ୍ଚଳ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ୫୦ ଶଯ୍ୟା, ହିଞ୍ଜିଳି ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ୧୦୦ ଶର୍ଯ୍ୟାର ସିସିସି ପ୍ରସ୍ତୁତ ହେବ। ବ୍ଲକ ଶାସନଆମ୍ଭଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟାର ସିସିସି ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ କହିଛନ୍ତି। ପ୍ରସ୍ତାବିତ ୩ କୋଭିଡ୍ କେୟାର ସେଣ୍ଟର ଗୁଡ଼ିକୁ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ବୁଲି ଭିତ୍ତିଭୂମୀ ସମୀକ୍ଷା କରିଛନ୍ତି।

### ସଂକ୍ଷେପରେ

## ଗଞ୍ଜେଇ ଜବତ, ଜଣେ ଗିରଫ

**ଜି.ଉଦୟଗିରି,୨୪।୪(ଡି.ଏନ.ଏ.):** ଜି.ଉଦୟଗିରି ପୋଲିସ ନିକଟସ୍ଥ ଦିଣ୍ଡାବାଲିଠାରେ ଏକ ବାଇକ୍ ସହ ୬ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଥିବା ସାରଙ୍ଗଗଡ଼ ଥାନା ପିପଲସାହିର ଯକ୍ଷ ଦିଗଲକୁ ଗିରଫ କରାଯାଇଛି। ସେ ବାଇକ୍ ଯୋଗେ ଫିରିଙ୍ଗିଆ ଅଞ୍ଚଳରୁ ଭଞ୍ଜନଗର ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା ବୋଲି ଆଇଆଇସି ନରେଶ କୁମାର ସାହୁ କହିଛନ୍ତି। ଏ ନେଇ ନଂ. ୩୬/୨୧ ଅନୁଯାୟୀ ଶନିବାର ଜି.ଉଦୟଗିରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ମୋହନା ତହସିଲଦାରଙ୍କ ବଦଳି

**ଆର.ଉଦୟଗିରି,୨୪।୪(ଡି.ଏନ୍.ଏ.) :** ଗଜପତି ଜିଲା ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କର କୁକୁଡ଼ାଖଣ୍ଡି ତହସିଲଦାର ଭାବେ ବଦଳି ହୋଇଛି। ସେ ଏଠାରେ ନିଯୁକ୍ତି ପାଇବା ଦିନଠାରୁ ଦୁର୍ନୀତି ବିରୋଧରେ କାର୍ଯ୍ୟ କରିବା ସହ ଗରିବଙ୍କ ସେବା କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏଥିସହ କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ କର୍ତ୍ତବ୍ୟ ଆଗ ଭାବି ଅଞ୍ଚଳରେ ଦିନ ରାତି ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରି ଅଞ୍ଚଳରେ କରୋନା ପ୍ରଭାବ କମ କରିବାରେ ସକ୍ଷମ ହୋଇଥିଲେ। ମୋହନା ବିଡିଓ ଦାୟିତ୍ୱରେ ମଧ ଥିଲେ। ମୋହନା ତହସିଲକୁ ପୁରୀ ଜିଲା ବ୍ରହ୍ମଗିରି ଅତିରିକ୍ତ ତହସିଲଦାର ଈଶ୍ୱର କୁମାର ସାହୁ ଆସୁଥିବା ଜଣାପଡିଛି।

## ହିଞ୍ଜିଳିକାଟୁରେ ମିନି କଣ୍ଟେନମେଣ୍ଟ

**ହିଞ୍ଜିଳିକାଟୁ,୨୪।୪(ଡି.ଏନ.ଏ.):** ହିଞ୍ଜିଳିକାଟୁ ପୌରାଞ୍ଚଳର ଗୋପବନ୍ଧୁ ମାର୍ଗ (କେଉଟ ସାହି ଓ ଥାନା ତୋଟା ସାହି)କୁ ପ୍ରଶାସନ ଦ୍ୱାରା ମିନି କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଗତ କିଛି ଦିନ ମଧରେ ଉକ୍ତ ଅଞ୍ଚଳରେ ସଂଖ୍ୟାଧିକ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଶୁକ୍ରବାର ଚିଠି ନଂ- ୩୧୩୩/ କୋଭିଡ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥି ସହ ଉକ୍ତ ଅଞ୍ଚଳରେ ଅସ୍ଥାୟୀ ବ୍ୟାରିକେଡ଼ ବ୍ୟବସ୍ଥା କରାଯିବା ସହ ପ୍ରବେଶ ପଥରେ ପୋଲିସ ଚେକ ପୋଷ୍ଟ ନିର୍ମାଣ କରାଯାଇଛି। ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୁନୀଲ କୁମାର ପ୍ରଧାନଙ୍କୁ ଉକ୍ତ ନିଷେଧାଞ୍ଚଳର ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ନିୟମ ପାଳନ ପାଇଁ ଉପଜିଲାପାଳ ଆଦେଶ ଦେଇଛନ୍ତି।

## ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଶୋକସଭା

**କାଶୀନଗର,୨୪।୪(ଡି.ଏନ.ଏ.):**ଗତ ୪ ଦିନରେ ଗଞ୍ଜାମ ଜିଲାର ୫ ଜଣ ସାମ୍ବାଦିକ ମୃତ୍ୟୁ ଘଟିଛି। ଯୁବ ସାମ୍ବାଦିକ ଗୋବିନ୍ଦ ବେହେରା, ମନୋଜ ବେହେରା, ରତ୍ନାକର ମହାରଣା, ନରେଶ ବେହେରା ଓ କରୁଣା କର ସାହୁଙ୍କ ଦେହାନ୍ତରେ କାଶୀନଗର ପ୍ରେସ କ୍ଲବ ଫକ୍ଷରୁ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ସମସ୍ତ ଖବରଦାତା ଉପସ୍ଥିତ ଥିଲେ।

# ବନ୍ଦ ହେବନି ସହରାଞ୍ଚଳ ଓପିଡି

### ଆଉ ୧୬୧ ପଜିଟିଭ ଚିହ୍ନଟ

**ଛତ୍ରପୁର,୨୪।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ଆଉ ୧୬୧ ପଜିଟିଭ୍ ଶନିବାର ଚିହ୍ନଟ ହୋଇଛନ୍ତି। ଗତ କିଛି ଦିନ ହେଲା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଗଞ୍ଜାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ ଜିଲାକୁ ପ୍ରବାସୀ ଫେରିବାରେ ଲାଗିଛନ୍ତି । ସେମାନଙ୍କ ପଞ୍ଜୀକରଣ କରାଯାଉଛି । ସମସ୍ତଙ୍କ କୋଭିଡ୍ ପରୀକ୍ଷା କରାଯାଇ ଚିକିତ୍ସା ଚାଲିଛି । ହୋମ୍ ଆଇସୋଲେଶନରେ ଥିବା ଲୋକଙ୍କର ନିୟମିତ ସ୍ୱାସ୍ଥ୍ୟାବସ୍ଥା ସେମାନଙ୍କ ଘରକୁ ଯାଇ ଟିମ୍ ପଚାରି ବୁଝୁଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ଗତବର୍ଷ ଭଳି ବହୁ ସଂଖ୍ୟାରେ ପ୍ରବାସୀ ଜିଲାକୁ ଫେରିନାହାନ୍ତି । ତେବେ ଅଧିକ ପ୍ରବାସୀ ଫେରିଲେ ଆମେ ସଜାଗ ସହ ପ୍ରସ୍ତୁତ ଅଛୁ ବୋଲି ଜିଲାପାଳ କହିଛନ୍ତି । ପ୍ରତି ବ୍ଲକରେ ୧୦୦ ଶଯ୍ୟା ବିଶିଷ୍ଟ ଟିଏମ୍‌ସି ଗଠନ କରାଯାଇଛି। ଆହୁରି ୨ଟି ଲେଖାଏ ପ୍ରତି ବ୍ଲକରେ ଟିଏମ୍‌ସି ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଆହୁରି ଶଯ୍ୟା ସହ ଭିତ୍ତିଭୂମିକୁ ବୃଦ୍ଧି କରାଯାଉଥିବା କୁହାଯାଇଛି । ବର୍ତ୍ତମାନ ଜିଲାରେ ବ୍ରହ୍ମପୁରର ଏମ୍‌କେସିଜି ଓ ଅଶ୍ୱିନୀ ହସ୍ପିଟାଲରେ କୋଭିଡ୍ ସେଣ୍ଟର ଖୋଲାଯାଇଛି। ତୃତୀୟ କୋଭିଡ୍ ହସ୍ପିଟାଲ ଏମ୍‌କେସିଜିରେ ଖୁବ୍‌ଶୀଘ୍ର ଖୋଲାଯିବ। ଟାଟା କୋଭିଡ୍ ହସ୍ପିଟାଲ ମଧ ହାଇଟେକ୍ ହସ୍ପିଟାଲ ପକ୍ଷରୁ ଖୋଲିବାକୁ ପଦକ୍ଷେପ ନିଆଯାଇଥିବା ସୂଚନା ଦେଇଛନ୍ତି । ଜିଲାରେ ବ୍ରହ୍ମପୁର ସିଟି ହସ୍ପିଟାଲ, ଭଞ୍ଜନଗର, ହିଞ୍ଜିଳି, ଆସିକା, ବ୍ରହ୍ମପୁର ନୀଳକଣ୍ଠନଗରଠାରେ ମୋଟ ୫ ଡେଡିକେଟେଡ୍ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ଆହୁରି ୧୧ ସ୍ଥାନରେ କୋଭିଡ୍ କେୟାର ସେଣ୍ଟର ଖୋଲାଯିବ ବୋଲି ଜିଲାପାଳ କହିଛନ୍ତି। ଯଦି ଆଗକୁ ଅଧିକ ଶଯ୍ୟାର ଆବଶ୍ୟକତା ହୁଏ, ଏହାକୁ ବୃଦ୍ଧି କରିବାକୁ ପଦକ୍ଷେପ ନେବୁ ବୋଲି ଜିଲାପାଳ କହିଛନ୍ତି। ଜିଲାବାସୀ ଆହୁରି ୨ରୁ ୩ ମାସ ସଜାଗ ହେବା ସହ କୋଭିଡ୍ ନିୟମ ପାଳନ କରିବାକୁ ପଡିବ। ଏଥିସହ ଗହଳିକୁ ନ ଯିବା ଏବଂ ଆବଶ୍ୟକ ନ ହେଲେ ଘରେ ରହିବାକୁ ଜିଲାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ଲାଗି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓପିଡି ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହା ବନ୍ଦ ହେବନି ବୋଲି ଶନିବାର ଗଣମାଧ୍ୟମକୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୋଭିଡ୍ ଆମ୍ବୁଲାନ୍ସରେ ଅକ୍ସିଜେନ୍ ରଖିବାକୁ କୁହାଯାଇଛି । ପ୍ରତି ବ୍ଲକ ଓ ଏନ୍‌ଏସି କୋଭିଡ୍ ସେଲ୍ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି।

## ବର୍ଦ୍ଧିତ ବିଦ୍ୟୁତ୍ ଟିକସ ପ୍ରତ୍ୟାହାର ଦାବି




ସିପିଆଇଏମ୍‌ର ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଆର.ଉଦୟଗିରି,୨୪।୪(ଡି.ଏନ୍.ଏ.)**

ବର୍ଦ୍ଧିତ ବିଦ୍ୟୁତ୍ ଟିକସକୁ ନେଇ ସିପିଆଇଏମ୍ ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ବିରୋଧ କରାଯାଇଛି। ଆର.ଉଦୟଗିରି ଓ ମୋହନା ସିପିଆଇଏମ୍ ଆଞ୍ଚଳିକ କମିଟି ସମ୍ପାଦକ ମାନସ କୁମାର ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସରେ ପ୍ରତିବାଦ କରାଯାଇଛି। ବିଜୁଳି ବିଭାଗକୁ ଟାଟା କମ୍ପାନୀ ହାତରେ ବିକ୍ରି ବନ୍ଦ କର, ସରକାରୀ ସଂସ୍ଥାକୁ ଘରୋଇ କମ୍ପାନୀକୁ ବିକ୍ରି ବନ୍ଦ କର, ଜିଲାବାସୀଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଅ, ବିଜୁଳି ଯୋଗାଣ ନାଁରେ ଗରିବ ଲୋକଙ୍କୁ ଲୁଟ୍ ବନ୍ଦ କର, ବର୍ଦ୍ଧିତ ବିଦ୍ୟୁତ୍ ଟିକସ ପ୍ରତ୍ୟାହାର, ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ୨୦୨୦ ବାତିଲ ଓ କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ରମେଶ ବଡ଼ରଇତ, ଅର୍ଜୁନ ବଡ଼ମୁଣ୍ଡି, ଭୀମ ପାଇକଙ୍କ ସମେତ ବହୁ ମହିଳା ଓ ପୁରୁଷ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

# ଭଞ୍ଜନଗର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଆକ୍ରାନ୍ତ

**ଭଞ୍ଜନଗର,୨୪।୪(ଡି.ଏନ.ଏ.)**



ଭଞ୍ଜନଗର କୋଭିଡ୍ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ନିୟୋଜିତ କର୍ମଚାରୀ।

କରୋନା ସଂକ୍ରମଣକୁ ରୋକିବା ପାଇଁ ଶନିବାର ଓ ରବିବାର ସହରଗୁଡ଼ିକରେ ଶଟ୍‌ଡାଉନ ନିୟମ ଲାଗୁ ହୋଇଛି। ଏହିଭଳି ଭଞ୍ଜନଗର ସହରରେ ମଧ ଶନିବାର ଶଟ୍‌ଡାଉନ ପ୍ରଭାବ ଦେଖିବାକୁ ମିଳିଛି। ରାସ୍ତା ଜନଶୂନ୍ୟ ହୋଇପଡ଼ିଥିଲା। ଅପରପକ୍ଷେ ଶୁକ୍ରବାର ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରୁ ୧୦ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ କେତେକ ବ୍ୟକ୍ତି ଘରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ କେତେଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଭଞ୍ଜନଗର ଏନ୍‌ଏସିର ପାତ୍ର କଲୋନୀ, ଭେଜିପୁଟରୁ ୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବ୍ଲକର ଲଣ୍ଡେଇସାହି ସମେତ ବିଭିନ୍ନ ସ୍ଥାନରୁ ୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଖୋଲିଥିବା ଡେଡିକେଟେଡ କୋଭିଡ୍ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଶନିବାର ସୁଦ୍ଧା ୪ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତର, ନର୍ସ ସମେତ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ ହୋଇଛନ୍ତି । ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଲୋକେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରୁନାହାନ୍ତି। ତେଣୁ ଆଗାମୀ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି । ଅପରପକ୍ଷେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି ଶନିବାର କୋଭିଡ୍ ମୁକାବିଲା ଏବଂ ଶଟ୍‌ଡାଉନ ଉପରେ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

## କରୋନା ପାଇଁ ଜିରୋ ଟଲରାନ୍ସ

### ୨ ଦୋକାନ ସିଲ୍

**ହିଞ୍ଜିଳିକାଟୁ,୨୪।୪(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ପୌରାଞ୍ଚଳରେ ପ୍ରଶାସନିକ ଗାଇଡ଼ ଲାଇନକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଉଲ୍ଲଂଘନକାରୀଙ୍କ ବିରୋଧରେ ଜିରୋ ଟଲରାନ୍ସରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ପ୍ରଶାସନ ସଜବାଜ ହୋଇଛି। ବିନା କାରଣରେ ବାଇକ୍‌ରେ ବୁଲିବା, ଗୋଟିଏ ସ୍ଥାନରେ ରୁଣ୍ଡ ହେବାକୁ ବାରଣ କରାଯିବ ବୋଲି ଗୁରୁବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକ ଛକରେ ଏକ ମିଠା ଦୋକାନ ଓ ଏକ ଲେଡ଼ିସ୍ କର୍ନରକୁ ୧୨ଘଣ୍ଟା ପାଇଁ ସିଲ୍ କରାଯାଇଥିଲା।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟଚାଲାଣ

**ଗୋପାଳପୁର,୨୪।୪**

ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ହତ୍ୟା କରିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ସ୍ୱାମୀଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କନିଷି ଗ୍ରାମର ଏମ. ଦୁଖା (୩୫)। ୬ ବର୍ଷ ତଳେ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଗ୍ରାମର କେ. ରାମେୟାଙ୍କ ଝିଅ କୁମାରୀ ସେହି ଗ୍ରାମର ଦୁଖାଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ବିଭିନ୍ନ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ମଧ ଲାଗି ରହୁଥିଲା। ଗତ ଦୁଇମାସ ତଳେ କୁମାରୀ ବାପା ଘରକୁ ଚାଲି ଯାଇଥିଲେ। ଗତ ୧୯ ତାରିଖରେ ରାମେୟା ତାଙ୍କ ଝିଅକୁ ଶାଶୁ ଘରେ ନେଇ ଛାଡ଼ିଥିଲେ। ସେହିଦିନ ରାତ୍ରିରେ କୁମାରୀଙ୍କ ଶାଶୁ ଓ ସ୍ୱାମୀ ମିଶି ତାଙ୍କୁ ହତ୍ୟା କରିଥିବା ନେଇ ରାମେୟା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୧/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଇତିମଧ୍ୟରେ ଉକ୍ତ ଗ୍ରାମର କିଛି କୁଜି ରାଜନେତାମାନେ ରାମେୟାଙ୍କୁ ଚାପ ପକାଇ ଏତଲା ନ କରିବା ପାଇଁ ବାଧ କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ପୋଲିସ ଦୁଖାଙ୍କୁ ଗିରଫ କରିଛି।

## ଗଞ୍ଜାମରେ ୭୦୭ କରୋନା ଆକ୍ଟିଭ୍

**ଛତ୍ରପୁର,୨୪।୪(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ୭୦୭ କରୋନା ଆକ୍ଟିଭ୍ ଅଛନ୍ତି। ଏମାନଙ୍କ ମଧ୍ୟରୁ କେତେକ ହୋମ୍ ଆଇସୋଲେଶନରେ ଥିବା ବେଳେ ଆଉ କେତେକ କୋଭିଡ୍ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ହୋମ ଆଇସୋଲେଶନରେ ଥିବା ପଜିଟିଭ୍‌ଙ୍କ ଘର ନିକଟକୁ ଯାଇ ଟିମ୍ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଜିଲାରେ ୧୬୧ କରୋନା ଆକ୍ରାନ୍ତ ହୋଇଥିବା ବେଳେ ୫୫ ଜଣ ସୁସ୍ଥ ହୋଇଛନ୍ତି । ଏ ସମ୍ପର୍କରେ ଶନିବାର ଟୁଇଟ୍ କରି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଅପରପକ୍ଷରେ ଶୁକ୍ରବାର ଜିଲାର ଆଉ ୧୯୬୬ ଜଣଙ୍କ ଟେଷ୍ଟ ହୋଇଛି । ମିଳିଥିବା ସୂଚନା ଅନୁସାରେ ଚିହ୍ନଟ ୧୬୧ ପଜିଟିଭ୍ ମଧ୍ୟରୁ ୧୬୦ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି କରୋନାରେ ସଂକ୍ରମିତ ହୋଇଥିବା ବେଳେ ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ଥାଇ ସଂକ୍ରମିତ ହୋଇଛନ୍ତି। ଆସିକା ଅଞ୍ଚଳର ୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ବେଗୁନିଆପଡାରୁ ୫, ବେଲଗୁଣ୍ଠାରୁ ୧୨, ବ୍ରହ୍ମପୁର ମହାନଗର ନିଗମରୁ ୨୪, ଭଞ୍ଜନଗରରୁ ୧୧, ବୁଗୁଡାରୁ ୪, ଛତ୍ରପୁରରୁ ୧୬, ଚିକିଟିରୁ ୩, ଧରାକୋଟରୁ ୭, ଜଗନ୍ନାଥପ୍ରସାଦ, ଖଲ୍ଲିକୋଟ ଓ ଦିଗପହଣ୍ଡିରୁ ଜଣେ ଲେଖାଏ, ଗଞ୍ଜାମରୁ ୪, ହିଞ୍ଜିଳିକାଟୁରୁ ୧୦, କବିସୂର୍ଯ୍ୟନଗରରୁ ୩, କୁକୁଡାଖଣ୍ଡିରୁ ୬, ପୋଲସରାରୁ ୧୬, ପୁରୁଷୋତ୍ତମପୁର ୨, ସାନଖେମୁଣ୍ଡିରୁ ୭, ଶେରଗଡ ଓ ସୋରଡାରୁ ୨ଜଣ ଲେଖାଏ ଏବଂ ଅନ୍ୟ ଅଞ୍ଚଳର ୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

# ଗଜପତିରେ ୯୬ ପଜିଟିଭ୍, ସପ୍ତାହାନ୍ତ ଶଟ୍‌ଡାଉନ୍

**ପାରଳାଖେମୁଣ୍ଡି,୨୪।୪(ଡି.ଏନ୍.ଏ.)**



ପାରଳାଖେମୁଣ୍ଡିର ରାଜନଗରଠାରେ ଶଟ୍‌ଡାଉନ୍ ଦୃଶ୍ୟ।

ଗଜପତି ଜିଲାରେ ଶନିବାର ୯୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ପାରଳା ସହରରେ ସର୍ବାଧିକ ୬୪, ଗୋସାଣି ବ୍ଲକରେ ୯, ଗୁମ୍ମା ବ୍ଲକରେ ଜଣେ, କାଶୀନଗର ବ୍ଲକରେ ୪, ମୋହନା ବ୍ଲକରେ ୯, ନୂଆଗଡ଼ ବ୍ଲକରେ ୨, ରାୟଗଡ଼ ବ୍ଲକରେ ୨, ଉଦୟଗିରି ବ୍ଲକରେ ୩, ଗଜପତିରେ ୨ ଅଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୬୧୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୪,୧୫୦ ଜଣ ସୁସ୍ଥ ହୋଇଥିବା ବେଳେ ୪୪୬ ଆକ୍ଟିଭ କେସ୍ ରହିଛି। କରୋନା ଦ୍ୱିତୀୟ ଲହର ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଜିଲାର ସମସ୍ତ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଆରମ୍ଭ ହୋଇଛି। ଶୁକ୍ରବାର ରାତି ୯ଟାରୁ ପୂର୍ବଭଳି ରାତ୍ରିକାଳୀନ କର୍ଫ୍ୟୁ ଜାରି ରହି ଶନିବାର ସକାଳରୁ ରବିବାର ରାତିଯାଏ ଶଟ୍‌ଡାଉନ ରହିବ। ସେହିଭଳି ରବିବାର ରାତ୍ରିରୁ ସୋମବାର ସକାଳ ୫ଟା ଯାଏ ପୁଣି ରାତ୍ରିକାଳୀନ କର୍ଫ୍ୟୁ ଜାରି ରହିବ ବୋଲି ଜିଲା ପ୍ରଶାସନ ସ୍ପଷ୍ଟ କରିଛି। ଏଥିପାଇଁ ପାରଳାଖେମୁଣ୍ଡି ଏବଂ କାଶୀନଗର ଅଞ୍ଚଳରେ କୌଣସି ଦୋକାନ ବଜାର ଖୋଲା ନଥିବା ବେଳେ ଲୋକେ ମଧ ଘରୁ ବାହାରକୁ ଆସୁନଥିବା ଦେଖିବାକୁ ମିଳିଛି। ସେହିପରି ଆନ୍ତଃରାଜ୍ୟ ଗାଡ଼ି ଚଳାଚଳ ମଧ ବନ୍ଦ ରହିଛି। ଜରୁରୀ ସେବା ପାଇଁ ଅନୁମତି ମିଳିଥିବା ବେଳେ ଗଣମାଧ୍ୟମର ପ୍ରତିନିଧି ଏବଂ ଖବରକାଗଜ ବିକ୍ରୟ ପାଇଁ ଦିନ ୮ଟାଯାଏ ହକରଙ୍କୁ ଅନୁମତି ପ୍ରଦାନ କରାଯାଇଛି। ଅନ୍ୟମାନେ ସମସ୍ତେ ନିୟମ ମାନି ଘରେ ରହିବାକୁ ଜିଲା ଆରକ୍ଷୀ ଅଧିକାରୀ ତପନ କୁମାର ପଟ୍ଟନାୟକ ଅନୁରୋଧ କରିଛନ୍ତି। ଶଟ୍‌ଡାଉନ୍‌କୁ କଡ଼ାକଡ଼ି କରିବା ପାଇଁ ପୋଲିସ ପାରଳାଖେମୁଣ୍ଡି ଓ କାଶୀନଗର ସହରରେ ସମସ୍ତ ସୀମା ସିଲ୍ କରିଛି।

## ଦାବି ପରେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ



ରାଜପଥର ସିମନବାଡ଼ି ଠାରେ ଡ୍ରେନେଜ କାର୍ଯ୍ୟ ଆରମ୍ଭ କରାଯାଇଛି।

**ଦାରିଙ୍ଗବାଡ଼ି,୨୪।୪(ଡି.ଏନ.ଏ)**

### ରାଜପଥ ସମ୍ପ୍ରସାରଣ ନେଇ ଆନ୍ଦୋଳନ ଘଟଣା

ଦାରିଙ୍ଗବାଡ଼ି ଦେଇ ଯାଇଥିବା ୫୯ନଂ. ରାଜପଥ ସଂପ୍ରସାରଣ କାର୍ଯ୍ୟ ବିଳମ୍ବ ଯୋଗୁ ସିମନବାଡ଼ିଠାରେ ୨ ମାସରେ ୩ ଥର ଅଞ୍ଚଳବାସୀ ଆନ୍ଦୋଳନ କରିଥିଲେ। ଏହାର ସପ୍ତାହ ପରେ ରାଜପଥ ସମ୍ପ୍ରସାରଣ ପାଇଁ ଶନିବାରଠାରୁ ଠିକାସଂସ୍ଥା ପକ୍ଷରୁ ସିମନବାଡ଼ି ବଜାରର ଡ୍ରେନେଜ୍ ଖୋଳା କାର୍ଯ୍ୟ ଆରମ୍ଭ କରାଯାଇଛି। ଉକ୍ତ ରାଜପଥ ସଂପ୍ରସାରଣ କାର୍ଯ୍ୟ ବିଳମ୍ବ ଯୋଗୁ ଅଞ୍ଚଳବାସୀ ଠିକାସଂସ୍ଥାର ଗାଡ଼ିମୋଟରକୁ ଅଟକ ରଖି ବିକ୍ଷୋଭ କରିବା ସହ ରାଜପଥ ସଂପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ରାଜପଥର ଉଚ୍ଚ ପଦାଧିକାରୀ ସିମନବାଡ଼ିରେ ପହଞ୍ଚି ବଜାରର ଦୁଇପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା କରାଯିବା ସହ ପିଚୁ କାର୍ଯ୍ୟକୁ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଏହି ରାସ୍ତା କାର୍ଯ୍ୟ ପାଇଁ ସଂସ୍ଥା ପକ୍ଷରୁ ଗତ ଜୁନରୁ ରାଜପଥ କଡ଼ରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ସେହିଦିନଠାରୁ ଉଠାଦୋକାନୀଙ୍କ ରୋଜଗାର ଏକ ପ୍ରକାର ଠପ୍ ହୋଇଯାଇଥିବା ବେଳେ ପରିବାର ପ୍ରତିପୋଷଣ କରିବା ମୁସ୍କିଲ ହୋଇପଡ଼ିଛି।

## ଆବର୍ଜନାମୟ ପାଲଟିଛି ନାଳନର୍ଦ୍ଦମା



ନାଳନର୍ଦ୍ଦମାରେ ପଡ଼ିଥିବା ଅଳିଆ ଆବର୍ଜନା।

**ନୂଆଗଡ଼,୨୪।୪**

ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଝାଲରସିଂ ପଞ୍ଚାୟତର ନାଳ ନର୍ଦ୍ଦମା ଆବର୍ଜନାମୟ ହୋଇ ରହିଛି। କାଳବୈଶାଖୀ ବର୍ଷାରେ ଗ୍ରାମର ପ୍ରତ୍ୟେକ ସାହିର ନାଳନର୍ଦ୍ଦମା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଯାଉଛି। ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହାଦ୍ୱାରା ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ହେଲେ ଏହି ଆବର୍ଜନା ସଫା କରିବା ପାଇଁ କୌଣସି ସରକାରୀ ଦୃଷ୍ଟି ପଡୁନାହିଁ। ବର୍ଷ ସାରା ଗ୍ରାମର ପ୍ରତ୍ୟେକ ସାହିର ନାଳରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହୁଥିବା ଦେଖିବାକୁ ମିଳୁଛି। ତୁରନ୍ତ ଏହାକୁ ସଫା କରିବା ପାଇଁ ଗ୍ରାମବସୀ ପ୍ରଶାସନଠାରେ ଦାବି କରିଛନ୍ତି।

# କୋଭିଡ୍ ପରିଚାଳନା ନେଇ ମିଳିତ ବୈଠକ

**ଦାରିଙ୍ଗବାଡ଼ି,୨୪।୪(ଡି.ଏନ.ଏ.)**




ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଛି।



କୋଭିଡ୍ ଶ୍ମଶାନ ପାଇଁ ଜମି ଚିହ୍ନଟ କରାଯାଉଛି।

- ଆସନ୍ତା ଶନିବାର,ରବିବାର ହୋଇପାରେ ମାର୍କେଟ ବନ୍ଦ
- ଶ୍ମଶାନ ଜମି ଚିହ୍ନଟ ନେଇ ଆଲୋଚନା

ଦାରିଙ୍ଗବାଡ଼ି ତହସିଲରେ ଶନିବାର କୋଭିଡ୍ ପରିଚାଳନା ନେଇ ଏକ ବୈଠକ ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ଆଇଆଇସି କୌଶିକ ମାଝି, ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲ୍ଲିକ, ବଣିକ ସଂଘ ସଭାପତି ଅରୁଣ ସାହୁ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ସରପଞ୍ଚ ରାଧାକାନ୍ତ ପ୍ରଧାନ,ସମିତିସଭ୍ୟ ରାଜେନ୍ଦ୍ର ସାହୁ, ପତିତପାବନ ରାଉତ, ରାଜସ୍ୱ ନିରୀକ୍ଷକ କେଦାର ସାହୁ, ଉମାଶଙ୍କର ଖଣ୍ଡଗିରି, ସନ୍ତୋଷ କୁମାର ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ କରୋନା ସଂକ୍ରମଣକୁ ରୋକିବା ନେଇ ଆଲୋଚନା ହୋଇଥିଲା। ମାସ୍କ ବ୍ୟବହାର ସହ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ନ ଥିଲେ ବାହାରକୁ ନ କରିବାକୁ ଆଲୋଚନା ହୋଇଥିଲା। ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ କଡ଼ାକଡ଼ି ଭାବେ ଏହାକୁ ତଦାରଖ କରିବ। ସେହିପରି ହୋଟେଲ ଗୁଡ଼ିକରେ ଖାଦ୍ୟ ପାର୍ସଲ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶନିବାର ଏବଂ ରବିବାର ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ ଶଟ୍‌ଡାଉନ କରାଯାଇଥିବା ଯୋଗୁ ଗାଡ଼ିମୋଟର ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆସନ୍ତା ଶନିବାର, ରବିବାର ଦାରିଙ୍ଗବାଡ଼ିରେ ବନ୍ଦ କରାଯିବାକୁ ବଣିକ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂଘର ସମସ୍ତ ସଦସ୍ୟଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସେହିପରି ଦାରିଙ୍ଗବାଡ଼ିରେ ୨ଟି ଏବଂ ବ୍ରାହ୍ମଣିଗାଁ ଥାନା କିଟିମାହାରେ ଗୋଟିଏ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ପ୍ରବାସୀଙ୍କ ଥଇଥାନ ଓ କୋଭିଡ୍ ପରୀକ୍ଷା ଉପରେ ଆଲୋଚନା କରାଯାଇଥିଲା। ୨୦୨୦ରେ ଯେଉଁ ସ୍ଥାନରେ କୋଭିଡ୍ ଶ୍ମଶାନ ଚିହ୍ନଟ କରାଯାଇଥିଲା ସେଠାରେ ମୃତକଙ୍କ ଶେଷକୃତ୍ୟ ବେଳେ ଉତ୍ତେଜନା ଦେଖାଯାଇଥିଲା। ତେଣୁ ଚଳିତ ବର୍ଷ ବୈଠକରେ ଥିବା ସମସ୍ତ ଅଧିକାରୀ, ବିଧାୟକ ଯାଇ ଏକ କୋଭିଡ୍ ଶ୍ମଶାନ ଜମି ଚିହ୍ନଟ କରିଥିଲେ । ଯେପରି ସାଧାରଣ ଲୋକଙ୍କର କୌଣସି ସମସ୍ୟା ନ ହୁଏ ସେନେଇ ମିଳିତ ବୈଠକରେ ଏହାକୁ ଗୁରୁତ୍ୱ ଦିଆଯାଇଥିଲା। ଏଣିକି ଦାରିଙ୍ଗବାଡ଼ିରେ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି ତହସିଲଦାର ପ୍ରଧାନ କହିଛନ୍ତି। ଏଥିପାଇଁ ଜନସାଧାରଣଙ୍କୁ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

